ଆମରି ମାଆ



ମନୋରମା ବିଶ୍ୱାଳ ମହାପାତ୍ର

Digitized by srujanika@gmail.com

ଆମରି ମାଆ

ମନୋରମା ବିଶ୍ୱାଳ ମହାପାତ୍ର



Digitized by srujanika@gmail.com

ଆମରି ମାଆ
ବି ଡଃ ମନୋରମା ବିଶ୍ୱାଳ ମହାପାତ୍ର
ପ୍ରକାଶକ: ପ୍ରୀତମ୍ ପ୍ରକାଶନ, ୧୨୫ ଆଚାର୍ଯ୍ୟବିହାର, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୦୪, ପ୍ରଚ୍ଛଦ: ବିଭୁ ପ୍ରସୂନ
ଅଳଂକରଣ- ତନୁଜ ମଲ୍ଲିକ୍, ମୁଦ୍ରଣ: ଦିବ୍ୟ ମୁଦ୍ରଣୀ
ମୂଲ୍ୟ: ୨୦ ଟଙ୍କା

AMARI MAA

by	**Dr. Monorama Biswal Mohapatra.**
Publisher	**Pritam Prakasan**
	125 Acharyabihar, Bhubaneswar
First Edition	**2004**
Cover Design	**Bibhu Prasuna**
Inner Design	**Tanuj Mallick**
Printed at	**Dibya Mudrani**
Price	**Rs 20 /-**

Digitized by srujanika@gmail.com

ମୋ ପିଲା ବେଳେ ଥିଲା ଯେମିତି
ଆମ ମାଆ ଆଉ ନାହିଁ ସେମିତି
ମାଆ'ର ଯାଇଛି ବୟସ ହୋଇ
କେତେ ଯେ ଭାବନା ଆମରି ପାଇଁ

Digitized by srujanika@gmail.com



ଆଖିକୁ ତାହାର ଦିଶୁନି ଭଲ ।
କମରରେ ନାହିଁ ଆଗର ବଳ ।।

Digitized by srujanika@gmail.com

ବସିଲାରୁ ଜମା ପାରୁନି ଉଠି
ଆମ ପାଇଁ ଆଉ ପାରୁନି ଖଟି

Digitized by srujanika@gmail.com

ଆଣ୍ଠୁ ଧରିଲାଣି ଫୁଲୁଛି ଗଣ୍ଠି ।
ପାହାନ୍ତାରୁ ତେଣୁ ପାରୁନି ଉଠି ॥

Digitized by srujanika@gmail.com



ଆମକୁ ଭଲରେ ରଖିବା ପାଇଁ ।
ହାଡ଼ ମାଉଁସକୁ ମିଶାଇ ଦେଇ ॥

Digitized by srujanika@gmail.com

ଆମରି ଝଞ୍ଜାଳ ସଂସାର ଦାଉ ।
କେତେ ନ ସହିଛି ଆମରି ବୋଉ ॥

Digitized by srujanika@gmail.com

ତା'ରି ଯତନେ ଆମରି ଘର ।
ଆମ ପାଇଁ ପରା ସରଗ ପୁର ॥

Digitized by srujanika@gmail.com

ଆମରି ପାଟିରେ ଆହାର ଦେଇ ।
ଖାଲି ପେଟରେ ସେ ପଡିଛି ଶୋଇ ॥

Digitized by srujanika@gmail.com

ତଥାପି ତା ମନ ସଦା ହରଷ ।
କେବେ ବି ତା ମୁଖୁ ଲିଭେନି ହସ ॥

Digitized by srujanika@gmail.com

ଘରର ମୁରବୀ ଆମରି ମାଆ ।
ବିପଦେ ଆପଦେ ସେ ଆମ ସାହା ॥



Digitized by srujanika@gmail.com

ଭଲ ଚିଜଟିଏ ରଖେ ଲୁଚାଇ ।
ନିଜେ ନ ଖାଇ ସେ ଦିଏ ଖୁଆଇ ॥

Digitized by srujanika@gmail.com

ଘରକୁ ଫେରିବା ଉଛୁର ହେଲେ ।
ଚାହିଁ ବସିଥାଏ ଝରକା କଡେ ॥

Digitized by srujanika@gmail.com

ସଭିଏ ଶୁଅନ୍ତି ସେ ଶୁଏ ନାହିଁ ।
ତା ଆଖିରୁ ନିଦ ଯାଏ ଉଭେଇ ॥

Digitized by srujanika@gmail.com

ମାଆ କଥା ଆଜି ଦୂର ବିଦେଶେ ।
ଥରକୁ ଥର ତା ମୁହଁଟି ଦିଶେ ॥



Digitized by srujanika@gmail.com

ହାଡ଼ ଗଣିହୁଏ ଶିରାଳ ଦେହେ ।
କରୁଣ ଚାହାଣୀ ମଳିନ ମୁହେଁ ॥

Digitized by srujanika@gmail.com

ପାଦକୁ ଯେବେ ମୁଁ ଦିଏ ଆଉଁସି ।
ଆଖିରୁ ଲୁହ ତା ପଡଇ ଖସି ॥



Digitized by srujanika@gmail.com

ଏ ଜୀବନ ଆମ ମାଆର ଦାନ ।
ମାଆ ପୁଣ୍ୟ ବଳେ ଆମରି ପୁଣ୍ୟ ॥

Digitized by srujanika@gmail.com



ଆସ ଆଜି ତାର ସେବା କରିବା ।
ସେବାରେ ଜୀବନ ଧନ୍ୟ ମଣିବା ।।

Digitized by srujanika@gmail.com



Digitized by srujanika@gmail.com